# ମୋ ଦୃଷ୍ଟିରେ ସଂସ୍କୃତି ବିହାର

• ନମ୍ରତା ଦାସ

ଅଭିନୟ ଜୀବନରେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେତେ ଅଭିନୟ କରିଛି ସିନେମା, ଦୂରଦର୍ଶନ, ମଞ୍ଚ, ଆକାଶବାଣୀ ଏସବୁ ଭିତରେ ସଂସ୍କୃତି ବିହାରରେ ଅଭିନୟ କରିବା ମୋ ଦୃଷ୍ଟିରେ ନିଆରା, କାରଣ ଏଠାରେ ନିର୍ଦ୍ଦେଶକ ଓ କଳାକାରମାନେ ଖୁବ୍ ପ୍ରବିଣ, ଏହି ସଂସ୍କୃତି ବିହାରରେ କେବଳ ଗୀତିନାଟ୍ୟ ହୁଏ, ଆଉ ସମସ୍ତେ ଗୀତିନାଟ୍ୟ କରିପାରିବେ ନାହିଁ କିମ୍ବା ସେ ସଂଳାପ ଉଚ୍ଚାରଣ କରି ପାରିବେ ନାହିଁ । ଏଠି ନିର୍ଦ୍ଦେଶକ ନାରଣ ଭାଇ, ଭାରତୀ, ସରୋଜ ଭାଇ, ଚନ୍ଦ୍ର ଭାଇ, ନର୍ମଳ ଦା, ବୈଷ୍ଣବ ଭାଇ, ନନ୍ଦୁ, ମହେନ୍ଦ୍ର ଏମାନଙ୍କୁ ମୁଁ ଦେଖିଛି, ଏମାନେ କେତେ ପରିଶ୍ରମ କରନ୍ତି । ଚୈତନ ଭାଇଙ୍କୁ ଦେଖିଛି କେମିତି ସେ ଗୀତିନାଟ୍ୟରେ ଅଭିନୟ କରିବା ପାଇଁ ପାଗଳ । ଏ ତ ଗଲା କଳାକାର ଭାଇମାନଙ୍କ କଥା ତା' ପରେ ମଞ୍ଚ ।

ଗଡ଼ଖାଇର ସେ ୪୦୦-୫୦୦ ଫୁଟର ବିରାଟ ମଞ୍ଚ ବୋଧେ ପୃଥିବୀରେ ବିରଳ, ଏଠି ଅଭିନୟ କରିବାର ଅନୁଭୂତି ନିଆରା, ତା'ପରେ ଏ ଅନୁଷ୍ଠାନର କଳାକାରମାନଙ୍କ ସାଙ୍ଗରେ ବିଭିନ୍ନ ଦେଶ ବିଦେଶ ଯଥା ଦିଲ୍ଲୀ, ଡେରାଡୁନ୍, ଆସାମ, ହାଇଦ୍ରାବାଦ ପ୍ରଭୃତି ବିଭିନ୍ନ ଜାଗାରେ ଅଭିନୟ କରିବାର ଅନୁଭୂତି ବି ନିଆରା, ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ଗୀତିନାଟ୍ୟ ପରିବେଷଣ କରି ଅନେକ ଆତ୍ମତୃପ୍ତି ମିଳିଛି, ଗଡ଼ଖାଇର ସେ ମୁକ୍ତାକାଶ ମଞ୍ଚ, ମୁଁ ଜୀବନରେ କେବେ ବି ଭୁଲି ପାରିବି ନାହିଁ । ଦୂର୍ଗା ଭୂମିକାରେ ଅଭିନୟ କରି ଏତେ ବଡ଼ ମଞ୍ଚରେ ଏପଟୁ ସେପଟକୁ ଯିବାକୁ ଡର ଲାଗେ, ତା'ପରେ ପୁଣି ଗୀତିନାଟ୍ୟ । ଯାହା ହେଉ କଳାକାରମାନଙ୍କ ସହଯୋଗ, ନାରଣ ଭାଇଙ୍କ ନିର୍ଦ୍ଦେଶନା ମୋତେ ଆଜି ବହୁତ କିଛି ଦେଇଛି, ନାରଣ ଭାଇ ଓ ଚୈତନଭାଇଙ୍କ ଠାରୁ ସଂଳାପ ଉଚ୍ଚାରଣ କରିବା ଶୈଳି ମୁଁ ଶିଖିଛି, ନନ୍ଦୁ, ମହେନ୍ଦ୍ର, ସତ୍ୟ ଏବଂ ଅନ୍ୟ କଳାକାର ଭାଇମାନଙ୍କ ଭଲପାଇବା, ସହଯୋଗ ମୁଁ କେବେ ବି ଭୁଲିପାରିବି ନାହିଁ । କେବଳ ଗୋଟିଏ ଜାଗାରେ ସବୁ କଳାକାର ବସି ନାରଣ ଭାଇ, ଚନ୍ଦ୍ରଭାଇ ଓ ଭାରତୀ ଠାରୁ ସଂଳାପ ଉଚ୍ଚାରଣ କରିବାର ଶୈଳୀ ୧୦ ଦିନ ଠାରୁ ୧୫ ଦିନ ପର୍ଯ୍ୟନ୍ତ ଅଭ୍ୟାସ କରୁ, କେତେ ବଡ଼ ବଡ଼ ପଦ ପଦବୀରେ ଥାଇ ମଧ୍ୟ ସମସ୍ତେ କେମିତି ଗଣେଶ ମନ୍ଦିରରେ ସଂଧ୍ୟାରେ ଏକାଠି ହୁଅନ୍ତି ସେଇଟା ମୋ ପାଇଁ ଗୋଟିଏ ଆଶ୍ଚର୍ଯ୍ୟର କଥା, ସମସ୍ତେ ଗୋଟିଏ ପରିବାର ପରି ଲାଗେ । ଗୋଟିଏ ସୂତାରେ ସମସ୍ତଙ୍କୁ ବାନ୍ଧି ରଖିବାର କ୍ଷମତା ସଂସ୍କୃତି ବିହାର କର୍ମକର୍ତ୍ତାଙ୍କ ପାଖରେ ମୁଁ ଦେଖିଛି । ସମସ୍ତେ କୁହନ୍ତି ଡଲିଅପାଙ୍କ ସଂଳାପ ଉଚ୍ଚାରଣ ଭାରି ଭଲ ତାର କାରଣ ହେଉଛି ସଂସ୍କୃତି ବିହାରରେ ଅଭିନୟ କରିବା । ତେଣୁ ମୋ ଦୃଷ୍ଟିରେ ସଂସ୍କୃତି ବିହାର ବହୁତ ଉଚ୍ଚରେ ।

*୬ ଏଫ୍/୧୦୦୨, ସେକ୍ଟର - ୯,*
*ସି.ଡ଼ି.ଏ., କଟକ*